# NATIONAL NEWS BULLETIN (ODIA)
## 09th June - 2024
## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝି**

## ମୁଖ୍ୟ ସମ୍ବାଦ

- କ୍ରମାଗତ ତୃତୀୟ ଥରପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଆଜି ସନ୍ଧ୍ୟାରେ ଶପଥ ନେବେ ନରେନ୍ଦ୍ର ମୋଦୀ ।
- ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆସନ୍ତାକାଲି ଅନୁଷ୍ଠିତ ହେବ ବି.ଜେ.ପି. ବିଧାୟକ ଦଳ ବୈଠକ ।
- ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ୪ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କଲା ଜମ୍ମୁ-କାଶ୍ମୀର ପ୍ରଶାସନ ।
- ଗାଜାରେ ସେନା ଆକ୍ରମଣ ପ୍ରତିବାଦରେ ଇସ୍ରାଏଲ୍‌କୁ କୋଇଲା ରପ୍ତାନୀ ବନ୍ଦ ନିଷ୍ପତ୍ତି ନେଲା କଲମ୍ବିଆ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ୱେଷ୍ଟ ଇଣ୍ଡିଜ୍ ଓ ଉଗାଣ୍ଡା ମଧ୍ୟରେ ମ୍ୟାଚ୍ ଜାରି ।

— ଆଜି ସନ୍ଧ୍ୟାରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମୁକାବିଲା ।

# ପି.ଏମ୍. - ସ୍ୱିୟରିଂ ସେରିମନି

ରାଷ୍ଟ୍ରପତି ଭବନରେ ଆଜି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ମୋଦିଙ୍କ ସମେତ ମନ୍ତ୍ରୀ ପରିଷଦର ନୂତନ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ନୂଆ ସରକାର ଗଠନ ପାଇଁ ରାଷ୍ଟ୍ରପତି ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରିଥିଲେ । ଗତ ଶୁକ୍ରବାର ଦିନ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କୁ ଭେଟି ନୂତନ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ । ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ମଣ୍ଡଳୀ ମଧ୍ୟ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତ ନେତା ଭାବେ ମନୋନୀତ କରାଯାଇଥିବା ନେଇ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଛି ।

ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ସେସେଲ୍ସର ଉପରାଷ୍ଟ୍ରପତି

ଅହମ୍ମଦ ଆଫିଫ, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ମାଲଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ,  ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ, ଭୂଟାନ ପ୍ରଧନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ମଧ୍ୟ ଯୋଗଦେବେ । ଇତିମଧ୍ୟରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ଏବଂ ସେସେଲ୍‌ସ୍‌ର ଉପରାଷ୍ଟ୍ରପତି ନୂଆଦିଲ୍ଲୀରେ ଆସି ପହଞ୍ଚି ସାରିଛନ୍ତି ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଏହି ନେତାଙ୍କ ଆଗମନ 'ପଡ଼ୋଶୀ ପ୍ରଥମେ ନୀତି' ଏବଂ 'ସମସ୍ତଙ୍କ ପାଇଁ ସୁରକ୍ଷା ଓ ଅଭିବୃଦ୍ଧି'କୁ ଭାରତ ପ୍ରାଥମିକତା ଦେଇଆସୁଥିବା ଏହାର ପ୍ରମାଣ । ଶପଥ ଗ୍ରହଣ ଉତ୍ସବ ଏବଂ ପଡ଼ୋଶୀ ରାଷ୍ଟ୍ର ମୁଖ୍ୟମାନଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଆଜି ଏବଂ ଆସନ୍ତାକାଲି ଦୁଇଦିନ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିବ ବୋଲି ସୁରକ୍ଷା ସଂସ୍ଥାର ସୂତ୍ରକୁ ଆଧାର କରି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ଓଡ଼ିଶା - ଚିଫ୍ ମିନିଷ୍ଟର୍ ସିଲେକ୍‌ସନ୍

ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଚୟନ ନେଇ ବିଜେପି ସଂସଦୀୟ ବୋର୍ଡରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ । ଆସନ୍ତାକାଲି ପୂର୍ବାହ୍ନରେ ବିଧାୟକ ଦଳ ବୈଠକ

ଅନୁଷ୍ଠିତ ହେବ, ଏଥିରେ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ସେ କହିଛନ୍ତି, ସଂଧ୍ୟାରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଇତିମଧ୍ୟରେ ୨ଜଣ ବିଜେପି ନେତା ମଧ୍ୟପ୍ରଦେଶର ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ବିଶ୍ୱାସ କୈଳାସ ସାରଙ୍ଗ ଏବଂ ମଧ୍ୟପ୍ରଦେଶ ବିଜେପିର ପୂର୍ବତନ ସଂଗଠନ ମନ୍ତ୍ରୀ ଆଶୁତୋଷ ତିୱାରୀ ଭୁବନେଶ୍ୱରଠାରେ ପହଞ୍ଚି ଶପଥଗ୍ରହଣ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି ।

ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବ ପାଇଁ ଭୁବନେଶ୍ୱର ଜନତା ମଇଦାନରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି । ଗତକାଲି ଏସ୍‌ପିଜି ଟିମ୍ ସହ ଓଡ଼ିଶା ପୁଲିସର ବରିଷ୍ଠ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ।

## ସି.ଡବ୍ଲ୍ୟୁ.ସି. - ମିଟ୍

ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧିଙ୍କୁ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ଗତ ସନ୍ଧ୍ୟାରେ କଂଗ୍ରେସ ସଂସଦୀୟ ଦଳ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ଦଳୀୟ ନେତା ରାଜୀବ ଶୁକ୍ଳା କହିଛନ୍ତି, ସୋନିଆ ଗାନ୍ଧି ସଂସଦୀୟ ଦଳର ଏହି ନିଷ୍ପତ୍ତିକୁ ଗ୍ରହଣ କରିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ସର୍ବସମ୍ମତିକ୍ରମେ ରାହୁଲ ଗାନ୍ଧିଙ୍କୁ ଲୋକସଭାରେ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ନିର୍ବାହ

କରିବାକୁ ଅନୁରୋଧ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ କାର୍ଯ୍ୟକାରିଣୀ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ବରିଷ୍ଠ ନେତା କେ.ସି. ବେଣୁଗୋପାଳ କହିଛନ୍ତି, ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଏକ ଦୃଢ଼ ଏବଂ ଜାଗ୍ରତ ବିରୋଧୀ ଦଳ ଗଠିତ ହୋଇପାରିବ ।

## ଜେ.କେ. - ଏମ୍ପ୍ଲୋଇଜ୍ ଡିସ୍‌ମିସାଲ୍

ସମ୍ବିଧାନର ୩୧୧ ଧାରା ପ୍ରତି ବପଦ ସୃଷ୍ଟି କରୁଥିବା ଓ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀରର ୪ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି । ଅପରାଧୀମାନଙ୍କ ମଧ୍ୟରେ ଜମ୍ମୁ-କାଶ୍ମୀର ପୁଲିସ୍ ବିଭାଗର ୨ ଜଣ କନେଷ୍ଟବଳ, ଜଣେ ଶିକ୍ଷକ ଏବଂ ଜଳଶକ୍ତି ବିଭାଗର ଜଣେ ସହକାରୀ ଲାଇନ୍‌ମ୍ୟାନ୍ ସମ୍ପୃକ୍ତ ଥିବା ଜଣାଯାଇଛି । ଆଇନ ପ୍ରଣୟନ ଓ ଗୁଇନ୍ଦା ବିଭାଗ ସଂସ୍ଥାଦ୍ୱାରା ମିଳିଥିବା ଖବର ଅନୁଯାୟୀ ଅପରାଧରେ ସମ୍ପୃକ୍ତ ଥିବା କର୍ମଚାରୀମାନେ ରାଜ୍ୟ ସ୍ୱାର୍ଥରେ ବାଧା ସୃଷ୍ଟି କରିବା ସହ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ସୂଚନାଯୋଗ୍ୟ, ଦେଶର ଅପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିବା ନିମନ୍ତେ ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛନ୍ତି ।

# କଲମ୍ବିଆ - କୋଲ୍ ଏକ୍ସପୋର୍ଟ

ଗାଜାରେ ଇସ୍ରାଏଲ୍ ସେନାର ଆକ୍ରମଣର ପ୍ରତିବାଦ ସ୍ୱରୂପ ଇସ୍ରାଏଲ୍‌କୁ କୋଇଲା ରପ୍ତାନୀ ବନ୍ଦ କରିବାକୁ କଲମ୍ବିଆ ନିଷ୍ପତ୍ତି ନେଇଛି । କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାବୋ ପେଟ୍ରୋ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗାଜାରେ ଗଣହତ୍ୟା ବନ୍ଦ ହେଲେ ହିଁ କୋଇଲା ରପ୍ତାନୀ ନେଇ ପୁନଃ ନିଷ୍ପତ୍ତି ନିଆଯିବ । ସେ କହିଛନ୍ତି, ଗାଜା ଉପତ୍ୟକାରୁ ସୈନ୍ୟ ପ୍ରତ୍ୟାହାର ନେଇ ଆନ୍ତର୍ଜାତିକ ନ୍ୟାୟାଳୟ ଦେଇଥିବା ଆଦେଶକୁ ଇସ୍ରାଏଲ୍ ପାଳନ କରିବା ଉଚିତ । ସୂଚନାଯୋଗ୍ୟ, ଗତବର୍ଷ ପ୍ରଥମ ୮ ମାସରେ କଲମ୍ବିଆ ଇସ୍ରାଏଲ୍‌କୁ ୩୨୦ ନିୟୁତ ଡଲାରରୁ ଅଧିକ ମୂଲ୍ୟର କୋଇଲା ରପ୍ତାନୀ କରିଥିଲା । ଅନ୍ୟପକ୍ଷରେ ଆମେରିକୀୟ ଜର୍ଣ୍ଣାଲ୍ ଫର୍ ଟ୍ରାନ୍ସପୋର୍ଟ କହିଛି, ଇସ୍ରାଏଲ୍ ଆବଶ୍ୟକ କରୁଥିବା କୋଇଲାର ୫୦ ପ୍ରତିଶତରୁ ଅଧିକ କଲମ୍ବିଆରୁ ଆମଦାନୀ କରିଥାଏ ।

## ଛତିଶଗଡ଼ - ନକ୍ସଲ୍ ଆଟାକ୍

ଛତିଶଗଡ଼ର ବସ୍ତର ଜିଲ୍ଲାରେ ଗତକାଲି ସୁରକ୍ଷା କର୍ମୀ ସହ ଗୁଳିବିନିମୟରେ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ପିପୁଲ୍ସ ଲିବରେସନ୍ ଗରିଲା ଆର୍ମି - ପି.ଜି.ଏଲ୍.ଏ.ର ଜଣେ କମିଟି ମେମ୍ବର, ଜଣେ ଡେପୁଟି କମାଣ୍ଡର, ୨ ଜଣ ସଦସ୍ୟ ଏବଂ ବାୟାନାର୍ ଅଞ୍ଚଳର କମିଟି ସଦସ୍ୟ ଅନ୍ତର୍ଭୁକ୍ତ । ଏହି ମିଳିତ ଆନ୍ତଃଜିଲ୍ଲା ମାଓବାଦୀ ଦମନ ଅଭିଯାନ ପୂର୍ବ ବସ୍ତର ଡିଭିଜନ୍‌ର ଅନ୍ଦାଇ ଆଞ୍ଚଳିକ କମିଟିଦ୍ୱାରା କରାଯାଇଥିଲା । ଏହି ଅଭିଯାନ ନାରାୟଣପୁର, କୋଣ୍ଡାଗାଁ, ଦାନ୍ତେୱାଡ଼ା ଓ ବସ୍ତର ଜିଲ୍ଲାର ରିଜର୍ଭ ଗାର୍ଡ଼, ଭାରତ-ତିବତ ସୀମା ସୁରକ୍ଷା ବାହିନୀ ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳର ମିଳିତ ସହଯୋଗରେ କରାଯାଇଥିଲା ।

## ତ୍ରିପୁରା - ଲେବରର୍ସ ଡାଏଡ୍

ତ୍ରିପୁରାର ସେପାହିଜଳ ଜିଲ୍ଲା ଅନ୍ତର୍ଗତ ଦକ୍ଷିଣ ତାଇବନ୍ଦଲଠାରେ ଥିବା ଏକ ସ୍କୁଲ୍‌ର ପରିତ୍ୟକ୍ତ କୂଅ ସଫେଇ କରୁଥିବା ସମୟରେ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଖବର ପାଇ ସ୍ଥାନୀୟ ପୁଲିସ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଥିଲେ ।

ନିକଟବର୍ତ୍ତୀ ସୋନାମୁରା ହସ୍ପିଟାଲ୍‌ରେ ସେମାନଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ପ୍ରଶାସନ ପକ୍ଷରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରାଥମିକ ଭାବେ ୫ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଟି-ଟ୍ୱେଣ୍ଟି ୱାର୍ଲ୍‌ଡ କପ୍ କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗତାର ଗତକାଲିର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଇଂଲଣ୍ଡକୁ ୩୬ ରନ୍‌ରେ ପରାସ୍ତ କରିଛି । ବାର୍ବାଡୋସ୍‌ର ବ୍ରିଜ୍‌ଟାଉନ୍‌ସ୍ଥିତ କେନ୍‌ସିଙ୍ଗ୍‌ଟନ୍ ଓଭାଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଙ୍ଗ୍ କରିବାକୁ ନିଷ୍ପତ୍ତି ନେଇଥିଲା । ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୨୦୧ ରନ୍ ସଂଗ୍ରହ କରିଥିଲା । ୨୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୬ ୱିକେଟ୍ ବିନିମୟରେ ୧୬୫ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଅଷ୍ଟ୍ରେଲିଆ ଆଦାମ୍ ଜାମ୍ପା ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ନେଦରଲ୍ୟାଣ୍ଡ୍‌କୁ ୪ ୱିକେଟ୍‌ରେ ହରାଇ ଦେଇଛି । ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି

ନେଦରଲ୍ୟାଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନେଦରଲ୍ୟାଣ୍ଡ୍ ୯ ୱିକେଟ୍ ବିନିମୟରେ ୧୦୩ ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୦୪ ରନ୍‌ର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୮ ଓଭର ୫ଟି ବଲ୍‌ରେ ୬ ୱିକେଟ୍ ବିନିମୟରେ ହାସଲ କରିଥିଲା ।  ଡେଭିଡ୍ ମିଲର୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ବର୍ତ୍ତମାନ ଗାଏନାର ପ୍ରଭିଡେନ୍ସ ଷ୍ଟାଡିୟମ୍‌ଠାରେ ୱେଷ୍ଟ ଇଣ୍ଡିଜ୍ ଏବଂ ଉଗାଣ୍ଡା ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ୱେଷ୍ଟ ଇଣ୍ଡିଜ୍ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୱେଷ୍ଟ ଇଣ୍ଡିଜ୍ ୧୫ ଓଭର୍‌ରେ ୪ ୱିକେଟ୍ ହରାଇ ୧୨୫ ରନ୍ ସଂଗ୍ରହ କରିଛି ।

ଅନ୍ୟ ଦୁଇଟି ମ୍ୟାଚ୍ ମଧ୍ୟରେ ଭାରତୀୟ ସମୟ ରାତି ୮ଟାରେ ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ସେହିଭଳି ଭାରତୀୟ ସମୟ ରାତି ସାଢ଼େ ୧୦ଟାରେ ଆଣ୍ଟିଗୁଆଠାରେ ଓମାନ ଏବଂ ସ୍କଟଲ୍ୟାଣ୍ଡ୍ ପରସ୍ପରକୁ ଭେଟିବେ ।

## ହକି

ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଭାରତର ପୁରୁଷ ଦଳ ଜର୍ମାନୀଠାରୁ ୨-୩ ଗୋଲ୍‌ରେ ପରାସ୍ତ ହୋଇଛି । ଆଜି ଭାରତ' ଇଂଲଣ୍ଡକୁ ଭେଟିବ ।

*****